



# ସ୍ୱପ୍ନ ଓ ସ୍ମୃତିର ମୁଲକ:
# ପୁନଃଦର୍ଶନାୟ




ସମୀର ରଞ୍ଜନ ଦାସ

୨ଏ, ଜୟଦେବ ଆପାର୍ଟମେ□ ୧୬ ଏ କ୍ରସ୍,
ଆଭାଇ ନଗର, ଇସପେଟ୍, ପଣ୍ଡିଚେରୀ - ୮

ଶ୍ରୀଯୁକ୍ତ ମନୋଜ ଦାସଙ୍କ ଶୈଶବ ସ୍ମୃତି ସମ୍ବଳିତ ଏକ ଅନନ୍ୟ ରଚନା 'ସମୁଦ୍ରକୂଳର ଏକ ଗ୍ରାମ' । ଲେଖକଙ୍କ ଭାଷାରେ, "ଏହା ଜୀବନୀ ନୁହେଁ - ସ୍ମୃତିର କେତୋଟି ଝଲକ ମାତ୍ର ।" ପ୍ରଥମେ 'ସଚିତ୍ର ବିଜୟା'ରେ ଧାରାବାହିକ ଭାବେ ପ୍ରକାଶିତ ହେବା ସମୟରେ ଏହି ଅନନ୍ୟ ବାଲ୍ୟ ସ୍ମୃତିଚାରଣର ସମ୍ପର୍କରେ ଆସିଥିଲି । ପରେ 'ସମୁଦ୍ର କୂଳର ଏକ ଗ୍ରାମ' ଓ Oxford University Press ପ୍ରକାଶିତ "Chasing the Rainbow : Growing up in an Indian Village"ରେ ସେସବୁ ଲେଖା ବାରମ୍ବାର ପଢ଼ିବା ସମୟରେ ସେଥିରେ ବର୍ଣ୍ଣିତ ଗ୍ରାମର ଦୃଶ୍ୟ, ସରୋବର ଦ୍ୱୟ, ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର, କୋଳିବୁଦା ଆଉ ପିଜୁଳି ଗଛ ଓ ସର୍ବୋପରି ଇନ୍ଦ୍ରଧନୁ- ଏସବୁ ଯେମିତି କିମିଆ କରିଚାଲିଥିଲେ ମୋ ଉପରେ । ସପ୍ତବର୍ଣ୍ଣ ଇନ୍ଦ୍ରଧନୁ ବହୁବର୍ଣ୍ଣୀ ହୋଇ ମୋତେ ତା'ର ଯାଦୁକରୀ ଆମନ୍ତ୍ରଣ ଜଣାଉଥିଲା । ମୋ କଳ୍ପନାରେ ରୂପନ୍ୟାସ ପାଉଥିଲେ ଲେଖକ ବର୍ଣ୍ଣିତ ବିଭିନ୍ନ ଚରିତ୍ର ଓ ପ୍ରକୃତିର ଯାବତୀୟ ବିଭବ । ବେଶ୍ କିଛିଦିନ ପରେ ମୋର ବନ୍ଧୁ ଓ ସୁହୃଦମାନଙ୍କ ସହ ଆଲୋଚନା କରି ଜାଣିଲି, ଉଣା ଅଧିକେ ସେମାନେ ବି ଗଭୀର ଭାବେ ପ୍ରଭାବିତ । ସମସ୍ତେ ଯେମିତି ଏକାତ୍ମ ହୋଇଯାଇଛନ୍ତି ଲେଖକଙ୍କ ବର୍ଣ୍ଣିତ ସେସବୁ ଦୃଶ୍ୟ ସହ ।

ମନରେ ରହି ରହି ଉଙ୍କିମାରେ ଏକ ଇଚ୍ଛା, କହିପାରନ୍ତି ଅଦମନୀୟ କୌତୂହଳ - ଥରେ ନିଜେ ପ୍ରତ୍ୟକ୍ଷ କରନ୍ତି ନାହିଁ ସେସବୁକୁ ବାସ୍ତବରେ ! ନଥାନ୍ତୁ ଶାନ୍ତ ସମୁଦ୍ର ତଟର ଅସଂଖ୍ୟ ବାଲୁକା ପାହାଡ଼ ସବୁ କି ନଥାଉ ସେ ସରୋବର- ପାଦଚିହ୍ନ ଖୋଜିବି, ନଥାଉ ନିଆଁଶି ନନାଙ୍କ ଝାଟିମାଟି କୁଡ଼ିଆ, ଲେଖକଙ୍କ ଘର ତ ଅନ୍ତତଃ ଦେଖିଆସିବି । ପଚାରି ଆସିବି 'ଭ ସହ ଏକ ଗୋଧୂଳି'ରେ ବର୍ଣ୍ଣିତ 'କୁମା'ର ଭଲମନ୍ଦ, ବାହାହୋଇ କୋଉଠି ତ' ସେ ଥିବ ।

ଅବଶେଷରେ ୨୦୧୨ ଡିସେମ୍ବର ମାସରେ ଓଡ଼ିଶା ଆସିଥିବା ସମୟରେ ଆଇ.ଆଇ.ଟି., ଖଡ଼ଗପୁରରେ ଗବେଷଣାରତ ବନ୍ଧୁ ଗୌତମ ସୁତାର ଏବଂ ମୁଁ ସ୍ମୃତିରେ ସବୁଜ ଓ ଚିର-ରଂଜିତ ସେହି ସ୍ଥାନ ସବୁକୁ ଦେଖିଆସିବା ପାଇଁ ଏକ ଦୁଇଦିନିଆ ଗସ୍ତକ୍ରମର ପରିକଳ୍ପନା କଲୁ । ପ୍ରଥମ ଦିନ ବାଲେଶ୍ୱର ଏବଂ ଦ୍ୱିତୀୟ ଦିନ ଲେଖକଙ୍କ ଜନ୍ମସ୍ଥାନ 'ଶଙ୍ଖାରି' । ଗୌତମଙ୍କ ସହ ପରିଚୟ ଫେସବୁକ୍‌ରେ 'ମନୋଜ ଦାସ ଫ୍ୟାନ୍ସ୍' ଗ୍ରୁପ୍ ମାଧ୍ୟମରେ । ଏହି ଅବକାଶରେ ବ୍ୟକ୍ତିଗତ ସାକ୍ଷାତର ସେ ସୁଯୋଗ ଥିଲା ଅତୀବ ମଧୁର ।

ମୁଁ କଟକରୁ ଜନଶତାବ୍ଦୀ ଏକ୍ସପ୍ରେସ୍ ଯୋଗେ ବାଲେଶ୍ୱର ଗଲି ଏବଂ ଗୌତମ ଖଡ଼ଗପୁରରୁ ଆସି ପହଞ୍ଚିଲେ । ପ୍ରଥମେ ଗଲୁ ମନୋଜ ଦାସଙ୍କ କୈଶୋର


ମନୋଜ ଦାସଙ୍କ ପୈତୃକ ଗୃହର ପ୍ରାଚୀରରେ ଲିଖିତ ବଂଶବୃକ୍ଷ

ଜୀବନର ବନ୍ଧୁ କବି ବ୍ରଜନାଥ ରଥଙ୍କ ଅନନ୍ୟ 'ବିଶ୍ୱତାରା' ପାଠାଗାରରେ ସାଇତା ହୋଇ ରହିଥିବା ମନୋଜ ଦାସଙ୍କ ପ୍ରଥମ ଲେଖାସବୁର ସନ୍ଧାନରେ । ମନୋଜ ଦାସଙ୍କ ପ୍ରଥମ କବିତା ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ଓ ପ୍ରଥମ ଗଳ୍ପପୁସ୍ତକ 'ସମୁଦ୍ରର କ୍ଷୁଧା' ସମେତ ଅନ୍ୟାନ୍ୟ ଦୁର୍ଲଭ ଲେଖା ସବୁ ସ୍ଥାନ କରି ଆଣିଥିଲୁ । ବାସ୍ତବିକ ଗବେଷକମାନଙ୍କ ପାଇଁ ଜଣେ କବିଙ୍କ ଅବଦାନ 'ବିଶ୍ୱତାରା'ର ପଟାନ୍ତର ନାହିଁ ।

ସେଠାରୁ ଆମେ ଗଲୁ ମନୋଜ ଦାସଙ୍କ ଘଟଣାବହୁଳ ଜୀବନର ସାକ୍ଷୀ ଫକୀରମୋହନ ମହାବିଦ୍ୟାଳୟକୁ । ଆଜିର ମହାବିଦ୍ୟାଳୟ କୋଠା ହିଁ ଥିଲା ସେଦିନର ଜିଲ୍ଲା ସ୍କୁଲ । ମନୋଜ ଦାସଙ୍କର ପ୍ରଥମ କବିତା ପୁସ୍ତକ ନବମ ଶ୍ରେଣୀର ଛାତ୍ର ଥିବା ସମୟରେ ତଥା ପ୍ରଥମ ଗଳ୍ପ ପୁସ୍ତକ ଦଶମ ଶ୍ରେଣୀର ଛାତ୍ର ଥିବା ସମୟରେ ପ୍ରକାଶ ପାଇଥିଲା । ଏହାଛଡ଼ା ସେ ଦଶମ ଶ୍ରେଣୀର ଛାତ୍ର ଥିବା ସମୟରେ ପରବର୍ତ୍ତୀ କାଳରେ ସ୍ୱନାମଧନ୍ୟ 'ଦିଗନ୍ତ' ପତ୍ରିକାର ସମ୍ପାଦନା କରିଥିଲେ ଏବଂ ଏହି ସମୟରେ ଓଡ଼ିଶାର ପ୍ରମୁଖ ସାହିତ୍ୟ ପତ୍ରିକା ମାନଙ୍କରେ ତାଙ୍କର ଲେଖାମାନ ପ୍ରକାଶ ପାଇବା ଆରମ୍ଭ ହୋଇଥିଲା ।

'ବାଲେଶ୍ୱର ଜିଲ୍ଲାସ୍କୁଲ' କବିତାରେ ମନୋଜ ଦାସଙ୍କର ପ୍ରତିଷ୍ଠାନ ପ୍ରତି କୃତଜ୍ଞତାର ନମୁନା :

X X X

ସର୍ବୋପରି ବାଲେଶ୍ୱର ଜିଲ୍ଲାସ୍କୁଲ,
ହେ ମୋ ପୂଜନୀୟ,
ଅସଂଖ୍ୟ ଉତ୍ତମ ମଧ୍ୟେ ଏ ଅଧମେ ସମାନ ସଦୟ,
ଶ୍ରଦ୍ଧା ଏବଂ ପ୍ରତ୍ୟୟର ଜଳବାୟୁ ତୁମର ଭୂଗୋଳ,
ସ୍ମୃତିରେ ସଙ୍ଗୀତ ଆଜି ସେଦିନର ସବୁ ହଟ୍ଟଗୋଳ-
ସ୍ମୃତିରେ ଦିଗନ୍ତେ ମୋର ଝଲମଲ, ଦ୍ୱୀପ ହିରଣ୍ମୟ
ତୁମକୁ ପ୍ରଣାମ ମୋର, ହେ ମହାନ୍ ଆଦି ବିଦ୍ୟାଳୟ ! !

ଫକୀରମୋହନ ମହାବିଦ୍ୟାଳୟରେ ପଢ଼ିବା ସମୟରେ ମନୋଜ ଦାସ ଥିଲେ ଜଣେ ବିପ୍ଳବୀ ଛାତ୍ରନେତା । ତାଙ୍କର ରାଜନୈତିକ ଆଦର୍ଶ ଥିଲା ମାର୍କ୍ସବାଦ । ପରମ୍ପରା ଭାଙ୍ଗି ତୃତୀୟ ବାର୍ଷିକ ଶ୍ରେଣୀରେ ଛାତ୍ର ଥିବା ବେଳେ ମନୋଜ ଦାସ କଲେଜ ୟୁନିୟନର ସଭାପତି ଭାବେ ଚତୁର୍ଥ ବର୍ଷର ପ୍ରାର୍ଥୀଙ୍କୁ ବହୁ ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଥିଲେ । ତାଙ୍କ ଜୀବନର ବହୁ ଘଟଣା ପରିସରରେ ଆମେ କିଛି ସମୟ ଅତିବାହିତ କରି ରୋମାଞ୍ଚିତ ହେଉଥିଲୁ - କେମିତି ଥିବ ଆମ ଲେଖକଙ୍କ ବିପ୍ଳବୀ ଜୀବନର ଅୟମାରମ୍ଭ ସମୟର ପରିବେଶ ! ମହାବିଦ୍ୟାଳୟ ପରିସରରେ ଭେଟିଥିଲୁ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ସୁବାସ ଚନ୍ଦ୍ର ପାତ୍ର ମହାଶୟଙ୍କୁ । ଶ୍ରୀ ମନୋଜ ଦାସଙ୍କର ଜଣେ ମୁଗ୍ଧ ପ୍ରଶଂସକ ଭାବେ ସେ ଆମର ଏହି ଅଭିଯାନ ବିଷୟରେ ଜାଣି ଖୁସୀ ହୋଇଥିଲେ ଏବଂ ସମସ୍ତ ସହାୟତାର ପ୍ରତିଶ୍ରୁତି ଦେଇଥିଲେ ।

ସେଠାରୁ ଚାଲିଲୁ ବ୍ୟାସକବି ଫକୀରମୋହନଙ୍କ ବାସସ୍ଥଳୀ ଯେଉଁଠାରେ ମନୋଜ ଦାସ ଜିଲ୍ଲାସ୍କୁଲର ଛାତ୍ର ଥିବା ସମୟରେ ଇତିହାସ ଅଧ୍ୟାପକ ଭାବେ ନବନିଯୁକ୍ତ ତାଙ୍କ ଭାଇ ଶ୍ରୀ ମନ୍ମଥନାଥ ଦାସଙ୍କ ସହ ରହୁଥିଲେ । ଶାନ୍ତିକାନନ ପରିସରରେ ଥିବା ପୁଷ୍କରିଣୀ କଡ଼ରେ କିଛି ସମୟ ବସି ଅନୁମାନ କରିବାକୁ ଚେଷ୍ଟା କରିଥିଲୁ ଆମ ପ୍ରିୟତମ ଲେଖକଙ୍କ ସେଦିନର


ମନୋଜ ଦାସଙ୍କ ଶଙ୍ଖାରିସ୍ଥିତ ପୈତୃକ ବାସଭବନ

ମନୋଭାବକୁ। ପରେପରେ ଯାଇ ଦେଖିଲୁ ସନ୍ନିକଟ ଫକୀରମୋହନଙ୍କ ବାସଭବନଟିକୁ। ସେଦିନର ସେ ଜୀର୍ଣ୍ଣ ବାସଭବନଟି ସ୍ଥାନରେ ସରକାରଙ୍କ ତରଫରୁ ଅବିକଳ ସେହିପରି ଏକ ନୂତନ କୋଠା ନିର୍ମିତ ହୋଇଛି। ଏହି ପରିସରରେ ମନୋଜ ଦାସଙ୍କ ସାରସ୍ୱତ ଜୀବନର ଶୁଭାରମ୍ଭ ହୋଇଥିଲା। ଲେଖକଙ୍କ ବଡ଼ଭାଇ ଶ୍ରୀଯୁକ୍ତ ମନ୍ମଥନାଥ ଦାସଙ୍କ ଭାଷାରେ "ବାସ୍ତବ ପକ୍ଷେ, ବ୍ୟାସକବିଙ୍କ ଆଶିଷ ପଡ଼ିଥିଲା ମୋ ସାନଭାଇ ମନୋଜ ଉପରେ। ସେ ଫକୀରମୋହନଙ୍କ କୋଠାରେ ରହି ପଢ଼ିବା ଆଶାରେ ଅନ୍ୟଗୋଟିଏ ହାଇସ୍କୁଲ ଛାଡ଼ି ବାଲେଶ୍ୱର ଜିଲ୍ଲାସ୍କୁଲରେ ଭର୍ତ୍ତି ହେଲା। ନବମ ଶ୍ରେଣୀରେ ପଢ଼ିବା ସମୟରୁ ତା'ର ଲେଖନୀ ଚାଳନା ଦେଖି କେହି କେହି ବିସ୍ମିତ ହେଲେ।... ଜନ୍ମଗତ କଳା ବା ପ୍ରକୃତିପ୍ରଦତ୍ତ ପ୍ରତିଭା ବୋଲି ସତ୍ତା ନିଶ୍ଚୟ ରହିଛି। ସୃଜନଶୀଳ କବି ଓ କଥାକାର ହେବା ପାଇଁ ମନୋଜର ପ୍ରତିଭା ସେହି ଫକୀରମୋହନ କୋଠାରେ ଥିବା ସମୟରୁ ଅଙ୍କୁରିତ ହୋଇଥିଲା।"

ଇତିମଧ୍ୟରେ ସୁବାସ ସାର୍ ପରଦିନର ଏ ଅଭିଯାନର ମାର୍ଗଦର୍ଶନ ନିମନ୍ତେ ଉପଯୁକ୍ତ ଜଣେ ଶୁଭେଚ୍ଛୁ ରୂପେ ୟୁଜିସି ବୃତ୍ତିପାଇ ମନୋଜ ଦାସଙ୍କ ସାହିତ୍ୟରେ ଗବେଷଣା କରି ଡକ୍ଟରେଟ ପାଇଥିବା ବିଶ୍ୱଭାରତୀର ଛାତ୍ର ଅଧ୍ୟାପକ ଅମରୀଶ ଦିଣ୍ଡାଙ୍କ ସହ ପରିଚୟ କରେଇ ସାରିଥିଲେ।

ଗୌତମ୍, ମୁଁ ଓ ଅମରୀଶବାବୁ ପରଦିନ ପ୍ରଭାତରେ ଶଙ୍ଖାରି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ। ମନୋଜ ଦାସ ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ଜମାଳପୁରର ବିଶ୍ୱନାଥ ଏକାଡେମୀକୁ ଯିବା ସମୟରେ ଆମର ପ୍ରଥମ ରହଣି ଥିଲା ରାଜଘାଟସ୍ଥିତ ସୁବର୍ଣ୍ଣରେଖା ପୋଲ ଉପରେ। ମନୋଜ ଦାସ ତାଙ୍କ ସ୍ମୃତି କଥାରେ ଲେଖିଛନ୍ତି, "ପ୍ରଶସ୍ତ ସୁବର୍ଣ୍ଣରେଖା ଆରପାରିରେ ଅଥବା ଦୂରାନ୍ତର୍ ରାଜଘାଟ ରେଳସେତୁ ଉପରେ ସୂର୍ଯ୍ୟ ଅସ୍ତଯିବା ଅନ୍ତେ ସେ ମୁଲକ ଉପରୁ ଯେମନ୍ତ ମଣିଷଙ୍କ ଆଧିପତ୍ୟ ବିଲୁପ୍ତ ହେଉଥିଲା।"

କିଛି ସମୟପରେ ପହଞ୍ଚିଲୁ ସେ ବିଦ୍ୟାଳୟରେ। ମନୋଜ ଦାସ ଲେଖିଛନ୍ତି "ସ୍ରୋତ-ଚଞ୍ଚଳ ସୁବର୍ଣ୍ଣରେଖା ତୀରରେ ଆମ ବିଦ୍ୟାଳୟ - ବିଶ୍ୱନାଥ ଏକାଡେମୀ, ଜମାଳପୁର।... ଗ୍ରାମ ବାହାରେ, ବିସ୍ତୃତ ପ୍ରାନ୍ତର ଭିତରେ ରାୟବାହାଦୁର ଦାନବୀର ବିଶ୍ୱନାଥ ପରିଡ଼ାଙ୍କ ସ୍ଥାପିତ 'ଏକାଡେମୀ' ମାଇନର ସମେତ ହାଇସ୍କୁଲ। ତହିଁ, ଛାତ୍ରାବାସର ଅନ୍ତେବାସୀରୂପେ ରହିବାବେଳକୁ ମୋତେ ବୟସ ନଥ। ନାଁ ଲେଖାଇଲି ପଞ୍ଚମ ଶ୍ରେଣୀରେ।... ନଈକୁ ଏତେ ପାଖରେ ପାଇ ସବୁଦିନ ସେଥିରେ ସ୍ନାନ ଓ ସନ୍ତରଣର ସୁଯୋଗରେ ଆତ୍ମହରା ହୋଇଗଲି। ଖରାଦିନେ ସ୍ୱଚ୍ଛ, ଅଗଭୀର ସ୍ରୋତ ଏକ ଫର୍ଲଙ୍ଗ ଦୂରରେ ଆମକୁ ଅପେକ୍ଷା



ରାଧାଗୋବିନ୍ଦ ଜୀଉଙ୍କ ମନ୍ଦିର

କରୁଥାଏ। କିନ୍ତୁ ବର୍ଷା ଋତୁରେ କିମ୍ବା ବନ୍ୟାବେଳେ ସେ ନେଉଥାଏ ଭୟଙ୍କର ରୂପ।... ଗୋଧୂଳି ବେଳେ ମୁଁ ଛାତ୍ରାବାସ ବାରନ୍ଦାରେ ଗୋଟାଏ ସ୍ତମ୍ଭକୁ ଆଉଜି ବସି ବହି ପଢ଼େଁ (କହିବା ବାହୁଲ୍ୟ ସେ ମୂଲ୍ୟବାନ ସମୟ ପାଠ୍ୟପୁସ୍ତକ ପାଇଁ ଦେଉନଥିଲି), ନହେଲେ ନଈକୂଳରେ ବସି ସୂର୍ଯ୍ୟାସ୍ତର ଗାମ୍ଭୀର୍ଯ୍ୟ, ଉଦାସୀନତା ଓ ପ୍ରସନ୍ନତା ଭିତରେ ନିମଜ୍ଜମାନ ରହେଁ। ଯେଉଁସବୁ ଗଛ ଆସନ୍ନ ବନ୍ୟାରେ ଜଳଶାୟୀ ହେବା ଅନିବାର୍ଯ୍ୟ ମନେହେଉଥାଏ, ସେମାନଙ୍କ ପ୍ରତି ସହାନୁଭୂତି ପ୍ରକଟ କରେ।"

ଆମ୍ଭମାନଙ୍କୁ ସେଠାରେ ସାହଚର୍ଯ୍ୟ ଦେଲେ, ରାୟବାହାଦୁରଙ୍କ ବଂଶର ଜଣେ ଭଦ୍ରଲୋକ। ବିଦ୍ୟାଳୟ ପରିସର ଏବଂ ନିକଟସ୍ଥ ସୁବର୍ଣ୍ଣରେଖାର ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର ତଥା ଜଳରାଶିକୁ ଅନାଇ ସମୟର ଉଜାଣୀ ସ୍ରୋତରେ ଲେଖକଙ୍କ ବାଲ୍ୟକାଳର ସେହି ମୁହୂର୍ତ୍ତଗୁଡ଼ିକୁ କଳ୍ପନାରେ ଅବଲୋକନ କରୁଥିଲୁ।

ସେଠାରୁ ଆମେ ଯାଇଥିଲୁ ଜଳେଶ୍ୱରପୁରସ୍ଥିତ ହାଇସ୍କୁଲ ପରିସରକୁ ଯେଉଁଠାରେ ମନୋଜ ଦାସ ଅଷ୍ଟମ ଶ୍ରେଣୀରେ ରହିଥିଲେ। ମନୋଜ ଦାସଙ୍କ ଭାଷାରେ, "ଉତ୍ତର ବାଲେଶ୍ୱରରେ ସଦ୍ୟ ସ୍ଥାପିତ ଜଳେଶ୍ୱରପୁର ହାଇସ୍କୁଲ ଏବଂ ସଂଲଗ୍ନ ଛାତ୍ରାବାସର ପରିସର ପ୍ରଥମ ରାତିରେ ହିଁ ମୋତେ ଦ୍ୱୀପଟିଏ ଭଳି ମନେହୋଇଥିଲା। ପାର୍ଥକ୍ୟ, ଦ୍ୱୀପକୁ ସମୁଦ୍ର ବେଢ଼ିଥାଏ - ପରିସରକୁ ଘେରିଥିଲା ବ୍ୟାପକ ବାଲୁ ପ୍ରାନ୍ତର। ପୂର୍ବଦିନ, ସେଠି ସନ୍ଧ୍ୟାବେଳେ ପହଞ୍ଚିବା ଅନ୍ତେ ମୋତେ ପ୍ରଥମ ରାତିଟି ପ୍ରଧାନଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଘରର ଏକ କୋଠରିରେ ସ୍ଥାନ ଦିଆଯାଇଥିଲା। ଜମାଳପୁର ସହ ଭାବଗତ ଅନ୍ତରଙ୍ଗତା ସ୍ଥାପିତ ହୋଇଥିଲା। ଏ ଅପରିଚିତ ସ୍ଥାନରେ ଚଳିବି କେମିତି ?... ମଧ୍ୟରାତ୍ରଯାଏ ସେହି ଦୁଶ୍ଚିନ୍ତା-ଘନ ପ୍ରଶ୍ନ ମୋତେ ଛଟପଟ କରନ୍ତେ ଘର ବାହାରକୁ ଚାଲିଆସିଥିଲି। ଜହ୍ନ ଆଲୁଅରେ ଦେଖିଥିଲି ବାଲିରାଶି ଉପରେ ଉତାଳ ପବନର ଉତ୍ପାତ। ମୃଦୁ ଭୟ ସତ୍ତ୍ୱେ ସେ ଅନୁଭୂତି ମନ୍ଦ ଲାଗିନଥିଲା। ବାଲିର ସମୁଦ୍ର ଭିତରେ ସତେ ଅବା ଭାସମାନ ସେ ଉପନିବେଶ !"

ଆମେ ଜଳେଶ୍ୱରପୁର ହାଇସ୍କୁଲ ପରିସରରେ ପହଞ୍ଚିଥିଲୁ ସୁନ୍ଦର କଂକ୍ରିଟ ରାସ୍ତାରେ। "ବାଲୁପ୍ରାନ୍ତର ଉପରେ ସ୍ୱାଧୀନତାର ସୂର୍ଯ୍ୟୋଦୟ" ଶୀର୍ଷକ ଅଧ୍ୟାୟରେ ଥିବା ମୁଢ଼ି-ବିକ୍ରେତାର ରୂପକଳ୍ପ ଓ ସେ ବାଲୁକା ପ୍ରାନ୍ତରର ନିର୍ଜନ ଦୃଶ୍ୟ ଆଜିର ଘନ ଜନବସତି, ବଜାର ଓ ପିଚୁରାସ୍ତା ଅଧ୍ୟୁଷିତ ସେ ଅଞ୍ଚଳ ଭିତରେ ଆଜି ସ୍ୱପ୍ନ। ସେହି ପରିସରରେ ମନୋଜ ଦାସଙ୍କ ସ୍ୱାଧୀନତାର ପ୍ରଥମ ସୂର୍ଯ୍ୟୋଦୟର ଅନୁଭୂତି ଏହିପରି: "ସହସ୍ରଥର ବିଭିନ୍ନ ପଟଭୂମିରେ ସୂର୍ଯ୍ୟୋଦୟ ଉପଭୋଗ କରିଛି, କିନ୍ତୁ ସଜ୍ଞାନ ଜୀବନରେ ଥରେ ମାତ୍ର କୌତୂହଳୀ ଦୃଷ୍ଟିରେ ଉଦୟକାଳୀନ ସୂର୍ଯ୍ୟଙ୍କୁ



ମନୋଜ ଦାସଙ୍କ ଲେଖାରେ ବର୍ଣ୍ଣିତ ତାଙ୍କ ଗ୍ରାମର ପଦ୍ମପୋଖରୀ



ଶଙ୍ଖାରି ପ୍ରାଥମିକ ବିଦ୍ୟାଳୟ, ଯେଉଁଠି ପ୍ରଥମରୁ ତୃତୀୟ ଶ୍ରେଣୀଯାଏ ପଢ଼ିଥିଲେ ମନୋଜ ଦାସ

ଅନାଇଥିଲି। ତାଙ୍କ ଆଚରଣ ବିଚରଣ ସବୁଦିନ ଭଳି ନ ହୋଇ ସେଦିନ ଟିକିଏ ଭିନ୍ନ ହୋଇଥିବ ପରା ! କାରଣ ସେଦିନ ଘଟିବାର ଥିଲା ସ୍ୱାଧୀନ ଭାରତ ଉପରେ ପ୍ରଥମ ସୂର୍ଯ୍ୟୋଦୟ। ସେଦିନ ଥିଲା ୧୯୪୭ ମସିହାର ଅଗଷ୍ଟ ପନ୍ଦର।"

ଆମ ବାଲୁକାପ୍ରାନ୍ତର ଉପରେ ଯଥାବିଧି ସୂର୍ଯ୍ୟୋଦୟ ହେଲେ ଏବଂ ଅଦୃଶ୍ୟ ରୀତିରେ ହେଲେ ବି ସ୍ୱାଧୀନତାର ଅବତରଣ ଘଟିଲା। ଆମ ଭିତରେ ସେଦିନର ଉତ୍ତେଜନା ଓ ଉନ୍ମାଦନାର ବର୍ଣ୍ଣନା ସହଜ ନୁହେଁ।

"ସୂର୍ଯ୍ୟୋଦୟର ଅବ୍ୟବହିତ ପରେ ଜାତୀୟପତାକା ଉତ୍ତୋଳନ ହେଲା।... ବାହାରିଲା ଶୋଭାଯାତ୍ରା। ଗନ୍ତବ୍ୟସ୍ଥଳ ଏକମାତ୍ର ଉଲ୍ଲେଖଯୋଗ୍ୟ ସ୍ଥାନ ଚାରିମାଇଲ୍ ଦୂରବର୍ତ୍ତୀ ଦେଉଳାହାଟ। ଛାତ୍ରଗୋଷ୍ଠୀରେ ମୋତେ ହିଁ ହାର୍ମୋନିୟମ୍ ସହଯୋଗେ ଗୀତ ବୋଲିଆସୁଥିଲା। ଦୁଇ ଦୁଇ ଜଣ ଛାତ୍ର ପାଳିକରି ମୋ ଦୁଇକଡ଼େ ଚାଲି ବଡ଼ କ୍ଲେଶ ସହକାରେ ହାର୍ମୋନିୟମଟି ଝୁଲାଇ ରଖୁଥା'ନ୍ତି। ମୁଁ ତାହା ବଜାଇ ସ୍ୱାଧୀନତାର ସ୍ୱାଗତ ଗୀତି ଗାଇ ଗାଇ ଅଗ୍ରସର ହେଉଥାଏଁ। ମୁଁ ପଦେ ବୋଲିଲେ ସମବେତ କଣ୍ଠରେ ବିଭିନ୍ନ ପ୍ରକାରେ ତା'ର ପୁନରାବୃତ୍ତି ହେଉଥାଏ।"

ଆମେ ମନୋଜ ଦାସଙ୍କ ସେହି ଯାତ୍ରାପଥରେ ସେଦିନର ପୁଲକକୁ ଅନୁଭବ କରିବା ପାଇଁ, ଜଳେଶ୍ୱରପୁର ହାଇସ୍କୁଲଠାରୁ ଦେଉଳାହାଟ ପର୍ଯ୍ୟନ୍ତ ଚାଲି ଚାଲି ଆସିଲୁ।

ଆମର ଗାଇଡ୍ ଅମ୍ବରୀଶ ବାବୁ ବାଠଗ୍ରାମଠାରେ ଗାଡ଼ି ରଖିଲେ। ମନୋଜ ଦାସଙ୍କ ପିଲା ଦିନରେ ନିକଟସ୍ଥ ବସ୍ ରହଣି ସ୍ଥାନ ଥିଲା ବାଠଗ୍ରାମ ଯେଉଁଠାରୁ ଜଳେଶ୍ୱର ପର୍ଯ୍ୟନ୍ତ କେବଳ ଖରାଦିନେ ବସ୍‌ଯୋଗେ ଯାତ୍ରା ସମ୍ଭବ ହେଉଥିଲା। ଏଥର ଭେଟିଲୁ ଚିତେଇ ନଈକୁ।

'ଚିତେଇକୁ ଭଲପାଇ' କବିତାରେ ମନୋଜ ଦାସ ଲେଖିଛନ୍ତି ;

"ଜନପଦଠାରୁ ଦୂର ନିର୍ଜନ ପ୍ରାନ୍ତର ଦେଇ
ବହମାନ ନଈ -
ନାମଟି ଚିତେଇ।
ମାଇଲ୍ ମାଇଲ୍ ଧରି ଧାନକ୍ଷେତ ଦୁଇଦିଗେ
ବହୁ ବଣ ବୁଦା,
କଦବା ଗହନ ପୁଣି, ପତଳା କଦବା,
ସତେ ଅବା ବଡ଼ କେଉଁ ବନସ୍ତର ପ୍ରଥମ ଖସଡ଼ା
ବଡ଼ କେଉଁ ନଦୀର ବା ଚିତ୍ରାଙ୍କ ଉଦ୍ଦେଶ୍ୟରେ
ପ୍ରଥମ ଆଞ୍ଚୁଡ଼ା -
କରିସାରି ଶିଳ୍ପୀ ତା'ର କନାଖଣ୍ଡି ଦେଇଛି ଉଡ଼େଇ
ଉଡ଼ିଉଡ଼ି କାହିଁ ଆସି ମୋ ଆଗରେ ପଡ଼ିଛି ବିଛେଇ।"

ଏହି କବିତାକୁ ପଢ଼ି ବାରମ୍ବାର ରୋମାଞ୍ଚିତ ହୋଇଥିବା ଆମେମାନେ ଚିତେଇର ପରିବର୍ତ୍ତିତ ବିମର୍ଷକର ରୂପକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲୁ। ତଥାପି କ୍ୟାମେରାରେ ସାଇତିଲୁ ଆଜିର ଚିତେଇର ସେ କ୍ଷୟିଷ୍ଣୁ ପ୍ରତିଛବି। କବିତାରେ ଅମରତ୍ୱ ଲଭିଛି ଯେଉଁ ଚିତେଇ, ସେ ତ' ରହିବ ଆମ ହୃଦୟରେ ଚିରକାଳ।

ଦେଉଳାହାଟଠାରୁ ଶଙ୍ଖାରି ଯିବା ରାସ୍ତାରେ ପ୍ରସିଦ୍ଧ ଚନ୍ଦନେଶ୍ୱରଙ୍କୁ ଦର୍ଶନ କଲୁ। ଏଥର ପହଞ୍ଚିଲୁ ଆମ ଈପ୍ସିତ ଗ୍ରାମ ଶଙ୍ଖାରିରେ। ମନୋଜ ଦାସଙ୍କ ଭାଷାରେ,

"ନିର୍ଜନତା ବନିଯାଇ ଗୋଟିଏ ବିହଙ୍ଗ
ସମୁଦ୍ରକୁ ମନେକରି ନିହାତି ନିଃସଙ୍ଗ
ନୀଡ଼ ଦିନେ ଗଢ଼ିଥିଲା କିନାରେ ତାହାରି
କାଳକ୍ରମେ ହେଲା ତାହା ନାମିତ 'ଶଙ୍ଖାରି'।"

ମନୋଜ ଦାସଙ୍କ ପୈତୃକ ଦ୍ୱିତଳ କୋଠାରେ ଆମକୁ ସ୍ୱାଗତ କଲେ ଘରର ତତ୍ତ୍ୱାବଧାରକ ସୁଧୀର ବାବୁ ଏବଂ ମନୋଜ ଦାସଙ୍କ ସମ୍ପର୍କୀୟ ଭାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାବିନୋଦ ବାବୁ। ସେ ବିଶାଳ ଘରେ ଆମେ ଖୋଜିଥିଲୁ, ମନୋଜ ଦାସ ରହୁଥିବା ଘର, ଠାକୁରଙ୍କ ଆସ୍ଥାନ ଓ 'ବିଭୀଷିକାମୟ ଦୁଇ ରଜନୀ'ରେ ବିବୃତ 'ଗୁପ୍ତଘର'। କୋଠାଟି ଆଜି ଅଜସ୍ର ସ୍ମୃତିର ସ୍ମାରକୀ। କୋଠା ନିକଟରେ ଅଛି ରାଧାକୃଷ୍ଣଙ୍କର ମନ୍ଦିର।

ମନୋଜ ଦାସଙ୍କ ଭାଷାରେ "ସମୁଦ୍ରକୂଳବର୍ତ୍ତୀ ଶଙ୍ଖାରି ନାମକ ଆମ ପଲ୍ଲୀର ଜନବସତି ଘଞ୍ଚ ନଥିଲା। ପ୍ରତି ଘରକୁ ଘେରି ରହିଥିଲା ଏକ ଏକ ସୁନିର୍ଦ୍ଦିଷ୍ଟ ପରିସର। ବସତିଠୁଁ ସାମାନ୍ୟ ଅଲଗା ଏକ ବ୍ୟାପକତର ପରିସରରେ ଥିଲା ଆମ ଘର - ଭାରତ ସୀମାନ୍ତର ସେହି ବିନ୍ଦୁରେ ସେତେବେଳର ଶେଷ ଘର।

ସରଳ ସ୍ଥାପତ୍ୟର ସେ କୋଠା ବାପାମା'ଙ୍କ ପଞ୍ଚସନ୍ତାନର ଏହି ଶେଷ ଜୋଟିକର ଜନ୍ମର ଅବ୍ୟବହିତ ପୂର୍ବରୁ ନିର୍ମିତ ହୋଇଥିଲା। ଯୌଥ ପରିବାର ସମ୍ବଳିତ ଯେଉଁ ପୁରୁଣା କୋଠାରୁ ଆମେ ଅପସରି ଆସିଥିଲୁଁ, ଗ୍ରାମର ପୂର୍ବ ପ୍ରାନ୍ତରେ ଅବସ୍ଥିତ ସେ କୋଠା ଏବଂ ପଶ୍ଚିମ ପ୍ରାନ୍ତରେ ନିର୍ମିତ ଏ ନୂଆ କୋଠା ବ୍ୟତୀତ ସେ ଖଣ୍ଡମଣ୍ଡଳରେ ସେତେବେଳେ ଆଉ ତୃତୀୟ ପକ୍କା ଘର ନଥିଲା।

X X X

ଘର ସମ୍ମୁଖର ପ୍ରାନ୍ତର ଥିଲା ବର୍ଷଯାକ ସବୁଜ। ସେ ପ୍ରାନ୍ତରର ସମ୍ଭ୍ରାନ୍ତ ନାଗରିକ ଥିଲେ ଶହ ଶହ ତାଳଗଛ। ସେମାନଙ୍କର ଉଦାର ଅବଦାନ - ଅସଂଖ୍ୟ



କମଳପୁର ଉଚ୍ଚ ବିଦ୍ୟାଳୟ, ଯେଉଁଠି ମନୋଜ ଦାସ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଉଚ୍ଚ ପାଠ ପଢ଼ୁଥିଲେ

ପାଚିଲା ତାଳ ଉପରେ ଥିଲା ସମସ୍ତଙ୍କର ସମାନ ଅଧିକାର। ସମୁଦ୍ର ଢୁଆରକୁ ସେ ପ୍ରାନ୍ତର ପ୍ଲାବିତ କରିବାକୁ ଦେଉନଥିଲେ ଯେଉଁସବୁ ବଡ଼ ବଡ଼ ବାଲିପାହାଡ଼, ସେମାନଙ୍କୁ ହାଲୁକା ଭାବରେ ଆବରିତ କରିଥିଲେ ନାନା ଧରଣର ବୁଦା ଓ ଲତା - ସୁସ୍ୱାଦୁ ନାନାବିଧ କୋଳିର ଉତ୍ସ।

ବାଲିପାହାଡ଼ମାନଙ୍କ ମସୃଣ କାନ୍ତିକୁ ନାନା ରୂପ ଦେବାରେ ସେଠିକାର ସାମୁଦ୍ରିକ ପବନ ଥିଲା ଧୁରନ୍ଧର ଶିଳ୍ପୀ।

କେବେ କେବେ କୌଣସି ପବିତ୍ର ପୂର୍ଣ୍ଣିମା ରଜନୀରେ ମା' ଏବଂ 'ସେ ଘର'ର ଖୁଡ଼ୀମାନେ ସମୁଦ୍ରସ୍ନାନ ପାଇଁ ଯାଉଥିଲେ। ଲହରୀର ଉଦ୍ଦାମ ଫୁତ୍କାର ବାଲିପାହାଡ଼ ସବୁର ଶିଖର ଅତିକ୍ରମ କରି ଉପରକୁ ଉଠୁଥାଏ। ପରସ୍ପର ଧରାଧରି ହୋଇ ମା' ଓ ଖୁଡ଼ୀମାନେ ବୁଡ଼ ଦେଉଥିଲେ। ଉଚ୍ଚତର ଓ ନିରାପଦ ଆଉ ଏକ ବାଲିପାହାଡ଼ ଉପରେ ମୁଁ ଓ ଆଉ ଦୁଇ ତିନି ବାଳକବାଳିକା ଅପେକ୍ଷା କରୁଥିଲୁଁ। ଆଦିଗନ୍ତ ନାକ୍ଷତ୍ରିକ ଆକାଶର ସେ ଉଜ୍ଜ୍ୱଳ ନୀଳ ଗରିମା ତଳେ ସମୁଦ୍ର ଯେ ଖାଲି ଜୀବନ୍ତ ମନେ ହେଉଥିଲା ତାହା ନୁହେଁ, ତାହା ସୃଷ୍ଟି କରୁଥିଲା ମହତ୍ - ଯଦ୍ୟପି ଭୟଙ୍କରୀ - ଏକ ଦେବୀସତ୍ତାର ପ୍ରଭାବ।

ପ୍ରାନ୍ତର ଭିତରେ ଥିଲେ ଦୁଇଗୋଟି ଅନତିବୃହତ୍ ପ୍ରଶାନ୍ତ ସରୋବର। ଛୋଟ ସରୋବରରେ ଭରପୂର୍ ଲାଲ୍ ପଦ୍ମ ଫୁଟୁଥିଲା; ବଡ଼ଟିରେ ଶ୍ୱେତପଦ୍ମ।"

ଆମେ କିନ୍ତୁ ଅନୁଭବ କରିଥିଲୁ ଭିନ୍ନ ଏକ ପରିବେଶ। ଜନବସତି ଘୁଞ୍ଚି ଘୁଞ୍ଚି ଲାଗିଆସିଲାଣି କୋଠାଟିର ନିକଟକୁ। ତତ୍କାଳୀନ ତାଳଗଛ ଅଧ୍ୟୁଷିତ ସେ ବିସ୍ତୀର୍ଣ୍ଣ ସ୍ଥାନରେ ଶୋଭାପାଉଛି ବନବିଭାଗ ଦ୍ୱାରା ସଂରକ୍ଷିତ ଇଉକାଲିପଟାସର ଜଙ୍ଗଲ। ଘରଠାରୁ ସମୁଦ୍ରର ଦୂରତା ପ୍ରାୟ ପାଞ୍ଚ କି.ମି.। ଏକ ପଦ୍ମ ପୋଖରୀ ଲୁପ୍ତପ୍ରାୟ ଏବଂ ଅନ୍ୟଟି ସରକାରଙ୍କ ସୌଜନ୍ୟରୁ ମାଛଚାଷ ନିମନ୍ତେ ଉତ୍ସର୍ଗୀକୃତ।

ରାଧାବିନୋଦ ସାର୍‌ଙ୍କ ସହ ଆମେ ଯାଇ ଦେଖିଥିଲୁ ଲେଖକ ପାଠ ପଢ଼ିଥିବା ଶଙ୍ଖାରି ପ୍ରାଥମିକ ବିଦ୍ୟାଳୟ। ବାଲ୍ୟକାଳରେ ପାଠ ପଢ଼ିବାକୁ ଅମଙ୍ଗ ମନୋଜ ଦାସ 'ବିଦ୍ୟାରମ୍ଭ' ଶୀର୍ଷକ ଅଧ୍ୟାୟରେ ଏହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମ୍ପର୍କରେ ରଖି ଯାଇଛନ୍ତି ଏହି ସ୍ମରଣୀୟ ବିବରଣୀ :

"ଦିନେ ରାତିରେ ଦେଖିଲି, ବଡ଼ମାଷ୍ଟ୍ରେ ଦୀର୍ଘ ସମୟ ହେଲା ଲିଚୁଗଛ ତଳେ ବୁଲୁଛନ୍ତି; ନହେଲେ ଠିଆ ହୋଇ ରହୁଛନ୍ତି। ଯେତେ ଡାକିଲେ ବି ଖାଇବାକୁ ଆସୁନାହାନ୍ତି। ସନ୍ଧାନ ନେଇ ବୁଝିଲି, ଦୂର ଗାଁରେ ତାଙ୍କର ଅତି ବୃଦ୍ଧା ମା'ଙ୍କର ପରଲୋକ ହେବାର ସମ୍ବାଦ ସଦ୍ୟ ତାଙ୍କ ପାଖରେ ପହଞ୍ଚିଥାଏ।

ମା'ମାନେ ମରିପାରନ୍ତି, ଏଭଳି ସନ୍ଦେହ ସେଯାଏ



ମୋ ମନକୁ ଆସିନଥିଲା। ବଡ଼ ଚିନ୍ତିତ ହେଲି। ମୋ ମା' ସେମିତି ହେଲେ ମୋ ଅବସ୍ଥା କ'ଣ ହେବ? ଏଭଳି ଭୟପ୍ରଦ ସମ୍ଭାବନା ସମ୍ପର୍କରେ ଚେତିଉଠିବା ସଙ୍ଗେ ସଙ୍ଗେ ବିଚରା ବଡ଼ମାଷ୍ଟ୍ରଙ୍କ ପ୍ରତି ଗଭୀର ସହାନୁଭୂତିରେ ମନ ଭରିଗଲା।

ଧୀରେ ଧୀରେ ଅଗ୍ରସର ହେଲି ଅନ୍ଧାର ଭିତରେ।

"ମାଷ୍ଟ୍ର ମହାଶୟ!"

"ଇଁ?" ସେ ଚମକିତ ବିକଳ କଣ୍ଠରେ କହିଲେ।

"ତୁମ ମା' ମରିଗଲେ?"

"ହଁ, ବାପା!"

"ତ କ'ଣ ହେଲା? ମୋ ମା'ତ ଅଛନ୍ତି। ସେ ତୁମ କଥା ବୁଝିବେ ନାହିଁ?"

ବଡ଼ମାଷ୍ଟ୍ରେ ମୋତେ କୋଳକରି ନେଲେ। ଅବରୁଦ୍ଧ କୋହ ତାଙ୍କର ଫାଟିପଡ଼ିଲା। ମୁଁ ତାଙ୍କୁ ଜଡ଼େଇ ଧରି ଅନୁଭବ କଲି ସେ ବି ମୋହରି ଭଳି ଜଣେ ଶିଶୁ।

ପରଦିନଠୁଁ ସ୍କୁଲକୁ ମୋ ଚୌକି ଯିବାକୁ ଦେଲିନାହିଁ। ବଡ଼ମାଷ୍ଟ୍ରେ ମୋତେ ଗଭୀର ସରାଗରେ ପଢ଼ାଇଲେ। ମୋର ବିଦ୍ୟାରମ୍ଭ ହେଲା।

ତାଙ୍କରି ସାହଚର୍ଯ୍ୟରେ, ତାଙ୍କରି ଆଲୋକରେ କ୍ରମେ ମୋର ହୃଦ୍‌ବୋଧ ହୋଇଥିଲା- "ପୃଥିବୀର ମହତ୍ତର ମାନବଗୋଷ୍ଠୀର ଅନ୍ତର୍ଭୁକ୍ତ ହେଲେ ସେଦିନର ସେଇ ପ୍ରାଥମିକ ଶିକ୍ଷକବର୍ଗ।"

ଏକଦା ସେହି ବଡ଼ମାଷ୍ଟ୍ରଙ୍କ ପରିଚାଳିତ ବିଦ୍ୟାଳୟ ପରିସରରେ ଠିଆହୋଇ, ତାଙ୍କୁ ନୀରବରେ ପ୍ରଣାମ କରି ଆମେ ଚାଲିଥିଲୁ ଦକ୍ଷିଣ ଚେଘରୀ ବିଦ୍ୟାଳୟକୁ। ରାସ୍ତାରେ ଆମକୁ ରାଧାବିନୋଦ ସାର୍ ପରିଚିତ କରାଇଦେଉଥିଲେ ବାଲୁକା ସ୍ତୂପମୟ ସେହି ସ୍ଥାନଗୁଡ଼ିକୁ ଯେଉଁଠାରେ ମନୋଜ ଦାସ ବିଦ୍ୟାଳୟକୁ ଯିବା ସମୟରେ ଦୁର୍ଭିକ୍ଷରେ ପ୍ରାଣ ହରାଉଥିବା ଗ୍ରାମବାସୀମାନଙ୍କ ମୃତଦେହ ପଡ଼ିରହୁଥିବା କଥା ବର୍ଣ୍ଣନା କରିଛନ୍ତି। କିଛି ଦୂର ଗଲା ପରେ ଆମେ 'ଅନୁତପ୍ତ ଦିଅଁ' ଅଧ୍ୟାୟରେ ବର୍ଣ୍ଣିତ ନିଁଆସୀ ନନାଙ୍କ ଆଶ୍ରୟସ୍ଥାନରେ ଅଟକିଗଲୁ। ଆଜି ସେଠାରେ ଅଛି ଗ୍ରାମଦେବତୀଙ୍କର ଛୋଟିଆ ମନ୍ଦିରଟିଏ ଓ ଏକ ବରଗଛ। ଦକ୍ଷିଣ ଚେଘରୀ ବିଦ୍ୟାଳୟରେ ପଢ଼ିବା ସମୟର ଘଟଣାସବୁ ମନୋଜ ଦାସ 'ପ୍ରଭଞ୍ଜନର ପଦଚିହ୍ନ' ଏବଂ 'ଅନୁତପ୍ତ ଦିଅଁ' ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି।

ଏହାପରେ ଆମେ ମଧ୍ୟାହ୍ନ ଭୋଜନ କରିଥିଲୁ ଆଉ ଜଣେ ଫେସ୍‌ବୁକ୍ ବନ୍ଧୁ ସୁଦର୍ଶନ ଦାସଙ୍କ ପୈତୃକ ଗୃହରେ। ଉଷୁନା ଭାତ, ଛୋଟ ମାଛ ତରକାରି ଏବଂ ସେ ଅଞ୍ଚଳର ନାନାବିଧ ବ୍ୟଞ୍ଜନର ସ୍ୱାଦ ଏବଂ ସୁଦର୍ଶନବାବୁଙ୍କର ଭାଇ ଭାଉଜଙ୍କ ଆନ୍ତରିକ ସାନ୍ନିଧ୍ୟ ଏବେ ମଧ୍ୟ ସ୍ମୃତିରେ ସଜୀବ ହୋଇ ରହିଛି।

ରାଧାବିନୋଦ ସାର୍‌ଙ୍କୁ ବଣିଆବାଡ଼ି ବିଷୟରେ ପଚାରିବାବେଳେ ଆମର ଆଗ୍ରହାତିଶଯ୍ୟକୁ ଲକ୍ଷ୍ୟ କରିଥିଲେ ଆମର ଡ୍ରାଇଭର୍। ପଚାରି ବି ଦେଲେ, "କ'ଣ ଅଛି ସେ ବଣିଆବାଡ଼ିରେ?" କିଛି ଉତ୍ତର ନଦେଇ ତାଙ୍କ ହାତରେ ଧରାଇଦେଲି ସାଙ୍ଗରେ ଥିବା "ସମୁଦ୍ର କୂଳରେ ଏକ ଗ୍ରାମ" ବହିଟି ଓ ଅନୁରୋଧ କଲି "ଭ' ସହ ଏକ ଗୋଧୂଳି" ବିଷୟଟି ପଢ଼ିବା ପାଇଁ। ଆମେ ବଣିଆବାଡ଼ି ଦେଖିବାକୁ ବାହାରିଲା ବେଳକୁ ଚତୁର୍ଥ ବନ୍ଧୁ, ଆମ ଡ୍ରାଇଭର, ଆମ ସହ ଯିବାକୁ ତିଆର୍।

ମନୋଜ ଦାସ ବଣିଆବାଡ଼ି ସମ୍ପର୍କରେ ଲେଖିଛନ୍ତି: ସେତିକିବେଳେ ଆକାଶରେ ସ୍ଫୁରିତ ହୋଇଥିଲା ରେଖାଏ ଅପୂର୍ବ ଇନ୍ଦ୍ରଧନୁ। ଶୈଶବ - ଚେତନାରେ ପ୍ରଥମ ଇନ୍ଦ୍ରଧନୁ ବା ପ୍ରଥମ ବର୍ଷାର ଯେଉଁ ଅନୁଭୂତି, ଜୀବନରେ ତା'ର ପୁନରାବୃତ୍ତି ଯେମିତି ଅସମ୍ଭବ, ସେ ଅନୁଭୂତିର ଭାଷାଗତ ଆବୃତ୍ତି ବି ସେମିତି ଅସମ୍ଭବ।

ଜାଣେନା, କେଉଁ ଭାଷା ବା କେଉଁ ଭାବ ମାଧ୍ୟମରେ ନିର୍ଜନ ପ୍ରାକ୍-ସୂର୍ଯ୍ୟାସ୍ତର ସେ ଇନ୍ଦ୍ରଧନୁ



ପ୍ରଫେସର ମନୋଜ ଦାସଙ୍କ ସହ ଲେଖକଙ୍କ ପରିବାର

ମୋତେ ନିମନ୍ତ୍ରଣ ଜଣାଉଥିଲା । ଅଜାଣତରେ ଦୌଡ଼ିବାକୁ ଆରମ୍ଭ କରିଥିଲି । ଉଦ୍ଦେଶ୍ୟ - ଦିଗନ୍ତବ୍ୟାପ୍ତ ତା'ର ପ୍ରାନ୍ତଦେଶ ଛୁଇଁଦେବା । ଆଉ ଦିଗନ୍ତ ତ ହେଉ ବିଲବାଡ଼ି ସେପଟେ - ବରଗଛକୁ ଲାଗି !

ବିଲ ଅତିକ୍ରମ କରିଗଲି । ଅତିକ୍ରମ କଲି ବାଲୁକାମୟ ଏକ ଅନତିଦୀର୍ଘ ପ୍ରାନ୍ତର । ପହଞ୍ଚିଗଲି ଯାଇ ନାନାଦି ଲତାଶ୍ରିତ ଫଳଭରା ଗୋଟାଏ ବିସ୍ତୃତ କେଦାର ଭିତରେ । 'ବଣିଆବାଡ଼ି ନାମଧେୟ ଆମରି ସେ କେଦାରକୁ ଆଗରୁ ହୁଏତ ଥରେ ଦୁଇଥର ଆସିଛି, କିନ୍ତୁ କାହାରି ନା କାହାରି କାଖରେ । କେଦାର ସେପାରିରେ ଲାଲ ପଦ୍ମର ସରୋବର । ତା'ପରେ ସବୁଜ ପ୍ରାନ୍ତର । ତା'ପରେ ବାଲିପାହାଡ଼ । ତା'ପରେ ସମୁଦ୍ର । କିନ୍ତୁ ଇନ୍ଦ୍ରଧନୁର ପ୍ରାନ୍ତ କାହିଁ ? ଇନ୍ଦ୍ରଧନୁ ବା କାହିଁ ?

ବିଦ୍ରୋହ ଓ ବିଷାଦରେ ମନ ଭରିଗଲା । ମୋତେ ଡାକ ଦେଇସାରି ଇନ୍ଦ୍ରଧନୁ ଲିଭିଆସୁଥିଲା । ଇଏ କି ପ୍ରକାର ବ୍ୟବହାର ? ପ୍ରବଞ୍ଚନା ନୁହେଁ ତ କ'ଣ ?

X X X

ବିଷାଦ ଓ ଭୟ ଜନିତ ବେଦନା ପ୍ରଶମିତ ହେବା ପରେ ନିଜ ଭିତରେ ଅନୁଭବ କଲି ବେଶ୍ ଆତ୍ମ-ପ୍ରତ୍ୟୟ । ଇନ୍ଦ୍ରଧନୁ ମୋ କବଳରୁ ଖସିଯାଇଥାଇପାରେ, କିନ୍ତୁ ତା'କୁ ଧରିବା ପାଇଁ ଚେଷ୍ଟା ତ ମୁଁ କରିପାରିଲି ! ଏକାକୀ ବଣିଆବାଡ଼ିରେ ଯାଇ ପହଞ୍ଚିପାରିଲି !

ସେ କେଦାର ବ୍ୟାପୀ ନାନା କିସମର ଅସଂଖ୍ୟ କୋଳିଗଛ । ସେଠି ଭୂଇଁରେ ଲୋଟୁଥାନ୍ତି ଗୋଲଗାଲ୍ ତରଭୁଜ ଓ ଫୁଟି; ଅଜସ୍ର କଇଁଛ କାକୁଡ଼ି । ବଣିଆବାଡ଼ି ଏକ ଭିନ୍ନ ରାଜ୍ୟ । ପକ୍ଷୀମାନେ ସେଠିକାର ବାସିନ୍ଦା ବୋଲି ଦେଖୁଥିଲି; ପରୀମାନେ ବି ଅନ୍ତତଃ ସାନ୍ଧ୍ୟ ଭ୍ରମଣରେ ସେଠାକୁ ଆସୁଥିବେ ବୋଲି ଅନ୍ଦାଜ କରୁଥିଲି ।

X X X

ବଣିଆବାଡ଼ିର ଫଳବନ୍ତ ଉଜ୍ଜ୍ୱଳ ସବୁଜିମା ଭିତରେ ବୁଡ଼ିରହି ଅଦୂର ସମୁଦ୍ରର ନିର୍ଘୋଷ ଶୁଣିବା ସଙ୍ଗେ ସଙ୍ଗେ ପଦ୍ମ-ସରୋବର ଉପରୁ ଆସୁଥିବା ପବନରେ ନିଶ୍ୱାସ ନେବାରେ କେଡ଼େ ବିପୁଳ ଓ ମହତ୍ ପୁଲକ ଲୁଚିରହିଥିଲା !"

ବଣିଆବାଡ଼ିର ପୂର୍ବ ସ୍ଥିତି ଆଉ ନାହିଁ । ଆଜିର ବାଲିସ୍ତୂପ ଅଧ୍ୟୁସିତ ସେ ଅଞ୍ଚଳର କେତେ ଅଂଶରେ ଧାନଚାଷ ମଧ୍ୟ ହେଉଛି ।"

ବଣିଆବାଡ଼ିରେ ବୁଲୁଥିବା ସମୟରେ ଆମେ ସନ୍ଧାନ କରି ଜାଣିଲୁ; ... କୁମାଙ୍କ ଅବସ୍ଥିତି । ନିକଟସ୍ଥ ଗ୍ରାମରେ ସେ ବାହା ହୋଇଛନ୍ତି । ତାଙ୍କ ଠିକଣା ଧରି ଯାଇ ପହଞ୍ଚିବା ବେଳକୁ କୁମା ନାହାନ୍ତି, ଯାଇଛନ୍ତି ଝିଅଘରକୁ । ତାଙ୍କ ସ୍ୱାମୀ ଆମକୁ ଦେଖି ବେଶ୍ ଖୁସୀ ହେଲେ । ମନୋଜ ଦାସଙ୍କ ବହିରେ କୁମା ସ୍ଥାନ ପାଇଥିବାରୁ ସେ ବେଶ୍ ଗର୍ବିତ ଓ ଆନନ୍ଦିତ ବୋଲି ଆମକୁ କହିବା ବେଳେ ତାଙ୍କ ମୁହଁରେ ଚକ୍‌ମକ୍ କରୁଥିଲା ଆନନ୍ଦ । ଆମେ କିନ୍ତୁ କୁମାଙ୍କୁ ନଦେଖି ଯିବୁ କିପରି ? ଅଗତ୍ୟା ତାଙ୍କ ଝିଅଙ୍କ ଘରର ଠିକଣା ଧରି ବାହାରିଲୁ ଓ କୁମାଙ୍କୁ ସେହିଠାରେ ଦେଖାକଲୁ । କୁମା ବି ଆମକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ପୁରୁଣା କଥା ସବୁକୁ ମନେପକାଇ ବେଶ୍ ଗଦ୍‌ଗଦ୍ ହୋଇଗଲେ । ଆମେ ତାଙ୍କ ଘରେ ଚାହା ପିଇ ଓ ତାଙ୍କ ସହ ଫଟୋ ଉଠାଇ ବାହାରିଲା ବେଳକୁ ସଞ୍ଜ ହୋଇଗଲାଣି ।

ଶଙ୍ଖାରି ଠାରୁ ମେଲାଣି ନେଲାବେଳକୁ ଆହୁରି ଅନେକ ସ୍ମୃତିଚିହ୍ନ ଅଦେଖା ରହିଯିବାର ଅବସୋସ ତ ଥିଲା ନିଶ୍ଚୟ, କିନ୍ତୁ ସେ ମାଟିର ସ୍ପର୍ଶଲାଭ କରିପାରିଥିବାରୁ ଆମେ କୃତଜ୍ଞ ମଧ୍ୟ ବୋଧ କରୁଥିଲୁ ।

ବାଲେଶ୍ୱର ଷ୍ଟେସନରେ ପରସ୍ପରଠାରୁ ବିଦାୟ ନେଲାବେଳକୁ ଆମ ସମସ୍ତଙ୍କ ମନରେ ଭାସିଉଠୁଥିଲେ ଗତ ଦୁଇଦିନ ଧରି ଭେଟିଥିବା ଅନେକ ପରିଚିତ ଓ ଅପରିଚିତ ସ୍ଥାନ ଓ ବ୍ୟକ୍ତି ବିଶେଷଙ୍କ ଚିତ୍ର । ମନେପଡୁଥିଲା ମନୋଜ ଦାସଙ୍କ 'ଆମ ଗାଁ' କବିତାର ଶେଷ ପାରା :

ଅବିସ୍ମରଣୀୟ ଏକ ଯୋଗାଯୋଗ,
ବହୁ ବର୍ଷ ପରେ ଏ କବି ଯାଆନ୍ତେ ଗ୍ରାମେ,
ସେ ବିହଙ୍ଗ ଆସିଥିଲା ଥରେ
ଜହ୍ନମୟ ନିଶାର୍ଦ୍ଧରେ କିଛି ଶଙ୍କା ସତ୍ତ୍ୱେ
ଦେବାକୁ ପରଶି ଏକ ଗୂଢ଼ କଥା ମୋତେ;
"ଯୁଗଟିଏ ଅବା ଏକ ମୁହୂର୍ତ୍ତର ଭିତରେ -
ସେମିତି ପାର୍ଥକ୍ୟ କିଛି ନାହିଁ ବାସ୍ତବରେ,
ଚେତନାର ପୂର୍ଣ୍ଣାଲୋକ ତୁମେ ଯଦି ଦେଖିପାର
ଗୋଟିଏ ମୁହୂର୍ତ୍ତ,
ତା' ମଧ୍ୟେ ସମଗ୍ର କାଳ ହୋଇପାରେ ମୂର୍ତ୍ତ ।
ତୁମ ମୁଗ୍ଧ ଶୈଶବର ସେ ପଲ୍ଲିର ନାହିଁ ଅବସାନ
ଅବିଭକ୍ତ ମହାକାଳେ ରହିଛି ତା' ଚିର ବିଦ୍ୟମାନ ।"

ସାହିତ୍ୟ, ଏକ ପୁସ୍ତକ; ଏଭଳି ପ୍ରଗାଢ଼ ଆତ୍ମୀୟତା ଭରିଦେଇପାରେ ସମ୍ପୂର୍ଣ୍ଣ ଅପରିଚିତଙ୍କ ମଧ୍ୟରେ । ୨୦୧୨ରୁ ୨୦୧୫- ସେଦିନର ସେ ଅଭିଯାନର ସମସ୍ତ ସ୍ମୃତି ସଯତ୍ନେ ସାଇତା ହୋଇରହିଛି ଓ ରହିବ ମଧ୍ୟ । କିନ୍ତୁ ସେସବୁକୁ ଭାଷାରେ ରୂପ ଦେବାବେଳେ ମୁଁ ସଙ୍କୋଚବୋଧ କରୁଛି । ସମସ୍ତେ କ'ଣ ମନୋଜ ଦାସ !

